# ସମନ୍ୱିତ ଶିଶୁବିକାଶ ଯୋଜୋନା ଅଧିକାରୀଙ୍କ କାର୍ଯ୍ୟାଳୟ ,କ• ନୂଆଗାଁ

ବିଜ୍ଞାପନ ସଂଖ୍ୟା: ୩୫୫ /ତା: ୧୫.୦୪.୨୦୨୬

ଏତଦ୍ୱାରା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ, କ. ନୂଆଗାଁ ଅନ୍ତର୍ଗତ **ବୁଢୁମାହା,ବାନ୍ଧାବାଲୁ,ସାଇନପଡ଼ା** ଏବଂ **ସାରେକେଡା** ଅଙ୍ଗନୱାଡ଼ି କେନ୍ଦ୍ରରେ ଖାଲିଥିବା ଅଙ୍ଗନୱାଡ଼ି ସାହାଯ୍ୟକାରିଣୀ ପଦବୀ ପୂରଣ ପାଇଁ ସମ୍ପୃକ୍ତ କେନ୍ଦ୍ରାଞ୍ଚଳର ମହିଳା ପ୍ରାର୍ଥିନୀମାନଙ୍କ ଠାରୁ online ଜରିଆରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏଣୁ ଇଚ୍ଛୁକ ମହିଳା ପ୍ରାର୍ଥିନୀମାନେ ଏହି ପଦବୀ ନିମନ୍ତେ (http://engagement-awc.odisha.gov.in)ୱେବସାଇଟ ମାଧ୍ୟମରେ (public login) କରି ନିର୍ଦ୍ଧାରିତ ଫର୍ମରେ ତା.୧୫.୦୪.୨୦୨୬ ଠାରୁ ତା.୨୯.୦୪.୨୦୨୬ ରିଖ ଅପରାହ୍ନ ଘ.୫.୩୦ଟିକା ମଧ୍ୟରେ ନିମ୍ନସ୍ୱାକ୍ଷରକାରୀଙ୍କୁ ଆବେଦନ କରିପାରିବେ । ଅନଲାଇନ ଆବେଦନ ବ୍ୟତୀତ ଅନ୍ୟ କୌଣସି ପ୍ରକାର ଆବେଦନକୁ ଗ୍ରହଣ କରାଯିବ ନାହିଁ । ଧାର୍ଯ୍ୟ ତାରିଖ ଓ ସମୟ ପରେ କୌଣସି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ।

| କ୍ର.ନଂ | ସେକ୍ଟର ର ନାମ | ଗ୍ରାମପଞ୍ଚାୟତ ନାମ | ଅଙ୍ଗନୱାଡ଼ି କେନ୍ଦ୍ରର ନାମ | ସମ୍ପୃକ୍ତ ଅଞ୍ଚଳ | ଜନସଂଖ୍ୟା |
|---|---|---|---|---|---|
| ୧ | ସିନ୍ଧିଗୁଡା | ଲେଡିଙ୍ଗିଆ | ବୁଢୁମାହା | ବୁଢୁମାହା | ଆଦିବାସୀ-୨୩୧ ହରିଜନ-୭୫, ଅନ୍ୟାନ୍ୟ-୦ |
| ୨ | କେଲେମାହା | ଚାଣ୍ଡେଡ଼ି | ବାନ୍ଧାବାଲୁ | ବାନ୍ଧାବାଲୁ | ଆଦିବାସୀ-୨୬୯ ହରିଜନ-୨୫୭, ଅନ୍ୟାନ୍ୟ-୨୮ |
| ୩ | ମହାସିଙ୍ଘ | ସାଇନପଡ଼ା | ସାଇନପଡ଼ା | ସାଇନପଡ଼ା | ଆଦିବାସୀ-୬୩ ହରିଜନ-୧୪୯, ଅନ୍ୟାନ୍ୟ-୧୯୨ |
| ୪ | ନୂଆଗାଁ | କୁତୁତୁଲି | ସାରେକେଡା | ସାରେକେଡା | ଆଦିବାସୀ-୪ ହରିଜନ-୫୬, ଅନ୍ୟାନ୍ୟ-୨୭୩ |

ଯୋଗ୍ୟତା :

୧. ପ୍ରାର୍ଥିନୀ ଆବେଦନ କରୁଥିବା କେନ୍ଦ୍ରାଞ୍ଚଳର ସ୍ଥାୟୀ **ବାସିନ୍ଦା ଓ ଆଦିବାସୀ/ହରିଜନ** ମହିଳା ହୋଇଥିବା ଆବଶ୍ୟକ

୨. ବୟସ ୦୧.୦୧.୨୦୨୬ ସୁଧା ୧୮ ବର୍ଷରୁ କମ କିମ୍ବା **୩୫** ବର୍ଷରୁ ଉର୍ଦ୍ଧ ହୋଇନଥିବ ।

୩. ପ୍ରାର୍ଥିନୀ **ଦ୍ୱାଦଶ ପାସ** ହୋଇଥିବା ଆବଶ୍ୟକ ।

୪. ପ୍ରାର୍ଥିନୀ ଓଡ଼ିଆ ମାତୃଭାଷାରେ ଲେଖା, କହିବା ଓ ପଢି ଜାଣିଥିବା ବାଧ୍ୟତାମୂଳକ ।

<u>ଆବଶ୍ୟକ ପ୍ରମାଣ ପତ୍ର</u> :

୧. ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ।(ସମ୍ପୃକ୍ତ ତହସିଲଦାର ଙ୍କ ଠାରୁ ତା ୨୫.୦୯.୨୦୨୧ ରିଖ ପରେ ପ୍ରାପ୍ତ ହୋଇଥିବା ଆବଶ୍ୟକ) ।

୨. ଜାତିଗତ ପ୍ରମାଣ ପତ୍ର ।

୩. **ଦ୍ୱାଦଶ** ଓ ସମ୍ପୂର୍ଣ୍ଣ କରିଥିବା ଉଚ୍ଚଶିକ୍ଷା (ଶିକ୍ଷାଗତ ଯୋଗ୍ୟତା) ପ୍ରମାଣ ପତ୍ର ଓ ମାର୍କସିଟ ।

୪. ବିଧବା ପ୍ରାର୍ଥିନୀଙ୍କର କ୍ଷେତ୍ରରେ ସ୍ୱାମୀଙ୍କର ମୃତ୍ୟୁ ପ୍ରମାଣପତ୍ର ।

୫. ନିର୍ଯ୍ୟାତିତା/ ନିରାଶ୍ରୟ ଓ ଅନାଥଙ୍କ କ୍ଷେତ୍ରରେ ପଞ୍ଜୀକରଣ ସଂସ୍ଥା ଦ୍ୱାରା ପ୍ରଦତ୍ତ ପ୍ରମାଣପତ୍ର ।

୬. ପରିଚୟ ପ୍ରମାଣପତ୍ର (Voter ID /Aadhar Card /Pan Card ) ।

୭. ପ୍ରାର୍ଥିନୀ ନିଜସ୍ୱ ଘୋଷଣାନାମା ପତ୍ର, ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ ଅଧିକାରୀ କ.ନୂଆଗାଁଙ୍କ କାର୍ଯ୍ୟାଳୟରୁ ସଂଗ୍ରହ କରି ପ୍ରମାଣପତ୍ର ଯାଞ୍ଚ ଦିନ ଦାଖଲ କରିବେ ।

୮. ପ୍ରାର୍ଥିନୀ ଅଙ୍ଗନୱାଡ଼ିକର୍ମୀଙ୍କ ଠାରୁ କେନ୍ଦ୍ରାଞ୍ଚଳ ବାସିନ୍ଦା ପ୍ରମାଣ ପତ୍ର ଦାଖଲ କରିବା ଆବଶ୍ୟକ ।

୯. ଉପର ବର୍ଣ୍ଣିତ ସମ୍ପୃକ୍ତ ଅଙ୍ଗନୱାଡ଼ିକେନ୍ଦ୍ର ଗୁଡିକ **ଆଦିବାସୀ** ବହୁଳ ହୋଇଥିବା ହେତୁ ,ଆଦିବାସୀ ପ୍ରାର୍ଥୀନୀଙ୍କୁ ଅଗ୍ରାଧିକାର ଦିଆଯିବ ।

ଦରଖାସ୍ତକାରିଣୀ online ରେ ଦାଖଲ କରିଥିବା ପ୍ରମାଣପତ୍ର ଗୁଡ଼ିକର ମୂଳ ପ୍ରମାଣପତ୍ର ଯାଞ୍ଚ ପାଇଁ ନିମ୍ନସୂଚୀ ଅନୁଯାୟୀ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ, କ.ନୂଆଗାଁଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହିବେ ।

| ତାରିଖ | ସମୟ | ଅଙ୍ଗନୱାଡ଼ି କେନ୍ଦ୍ରର ନାମ |
|---|---|---|
| ୩୦.୦୪.୨୦୨୬ | ସକାଳ ଘ.୦୭.୩୦ ଟିକା | ବୁଢୁମାହା, ବାନ୍ଦାବାଲୁ, ସାଇନପଡ଼ା, ସାରେକେତା |

(ବି.ଦ୍ର) ମୂଳ ପ୍ରମାଣ ପତ୍ର ଯାଞ୍ଚ ଦିବସରେ ଯଦି କୌଣସି ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା ଅଚାନକ ଅନ୍ୟ କାର୍ଯ୍ୟ ସମ୍ପାଦନ ପାଇଁ ନିର୍ଦ୍ଦେଶ ପ୍ରାପ୍ତ ହୁଏ ତେବେ ନିର୍ଦ୍ଧାରିତ ତାରିଖ ଓ ସମୟ ପରିବର୍ତ୍ତନ କରାଯାଇପାରେ ।

ଓଡିଶା ସରକାର ମହିଳା ଓ ଶିଶୁ ବିକାଶ ବିଭାଗ ଭୁବନେଶ୍ୱରଙ୍କ ଅଙ୍ଗନୱାଡ଼ି କର୍ମୀ/ ଅଙ୍ଗନୱାଡ଼ି ସହାୟିକା ଚୟନ ନିର୍ଦ୍ଦେଶାବଳୀ ସଂଖ୍ୟା. **୪୯୭୦/WCD ତା: ୧୫.୦୩.୨୦୨୩** /ନିର୍ଦ୍ଦେଶାବଳୀ ସଂଖ୍ୟା.**୫୫୬୪/WCD ତା:୦୭.୦୩.୨୦୨୪** ନିର୍ଦ୍ଦେଶାବଳୀ ସଂଖ୍ୟା. **୧୫୦୧୫/WCD ତା: ୧୫.୦୭.୨୦୨୪, ୧୯୦୪୫/WCD ତା: ୨୮.୦୮.୨୦୨୪** ଏବଂ ନିର୍ଦ୍ଦେଶାବଳୀ ସଂଖ୍ୟା .**୪୫୯୭/WCD ତା. ୨୩.୦୨.୨୦୨୬** ରିଖ ପ୍ରକାରେ ଚୟନ କରାଯିବ । ଯଦି କୌଣସି ନୂତନ ନିର୍ଦ୍ଦେଶାବଳୀ ହସ୍ତଗତ ହୁଏ ତାହା ମଧ୍ୟ କାର୍ଯ୍ୟକାରୀ କରାଯିବ ।

ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ,
କ.ନୂଆଗା

ପରିପତ୍ର ସଂଖ୍ୟା : ୩୫୬ ତା: ୧୫.୦୪.୨୦୨୬

ଏହାର ନକଲ ସମ୍ପୃକ୍ତ ମଣ୍ଡଳ ପରିଦର୍ଶିକାଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଏବଂ ନିର୍ଦ୍ଦେଶ ଦିଆଗଲାଯେ ତୁରନ୍ତ ସମ୍ପୃକ୍ତ ଅଙ୍ଗନୱାଡ଼ି କେନ୍ଦ୍ରର ବିଜ୍ଞାପନ ଫଳକରେ ଲଗାଇବା ସଙ୍ଗେ ସଙ୍ଗେ ଗ୍ରାମରେ ବୈଠକ କରି ଏହାର ପ୍ରମାଣ ଦାଖଲ କରିବା ହେବେ ।

ଏହାର ଏକାକିତା ନକଲ କାର୍ଯ୍ୟାଳୟର ବିଜ୍ଞାପନ ଫଳକ /ଗୋଷ୍ଠୀ ଶିକ୍ଷାଧିକାରୀ, କ.ନୂଆଗାଁ/ଗୋଷ୍ଠୀସ୍ୱାସ୍ଥ୍ୟ ଅଧିକାରୀ, କ.ନୂଆଗାଁଙ୍କୁ ଏହାର ଅବଗତି ତଥା ସର୍ବ ସାଧାରଣଙ୍କ ବହୁଳ ପ୍ରସାର ନିମନ୍ତେ ବିଜ୍ଞାପନ ଫଳକରେ ଲଟକାଜାରି କରିବା ପାଇଁ ଅନୁରୋଧ କରାଗଲା ।

ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ,
କ.ନୂଆଗାଁ

ପରିପତ୍ର ସଂଖ୍ୟା.: ୩୫୭ ତା:୧୫.୦୪.୨୦୨୬

ଏହାର ଏକକିତା ନକଲ ସମ୍ପୃକ୍ତ ସରପଞ୍ଚଙ୍କ ଅବଗତି ଓ ବିହିତ ଗୋଚରାର୍ଥେ ପ୍ରେରଣ କରାଗଲା ଏବଂ ଅନୁରୋଧ କରାଗଲାଯେ ଏହାର ବହୁଳ ପ୍ରଚାର ନିମନ୍ତେ ବିହିତ ପଦକ୍ଷେପ ନେବା ହେବେ ।

ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ,
କ.ନୂଆଗାଁ

ପରିପତ୍ର ସଂଖ୍ୟା.:   ୩୫୮   ତା : ୧୫.୦୪.୨୦୧୬

ଏହାର ଏକକିତା ନକଲ  ଉପ-ଜିଲ୍ଲାପାଳ, ବାଲିଗୁଡ଼ା/ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, କନ୍ଧମାଳଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ,
କ.ନୂଆଗାଁ